# The Odisha Gazette

**EXTRAORDINARY**

**PUBLISHED BY AUTHORITY**

**No. 1744 CUTTACK, SATURDAY, OCTOBER 1, 2016/ASWINA 9, 1938**


## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

ଘୋଷଣା

ତା 12 ସେପ୍ଟେମ୍ବର 2016ରିଖ

ସଂଖ୍ୟା 28069—RDM-LAC-ANG–0018/2013-ରାବିପ.—ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ ମାନଯୋର ମଧ୍ୟମ ଜଳସେଚନ ପ୍ରକଳ୍ପ ନିର୍ମାଣ ନିମନ୍ତେ ସରକାର, ସରକାରୀ ବ୍ୟୟରେ ମୌଜା–ଦେଉଳବେଡା, ଥାନା–ଆଠମଲ୍ଲିକ, ତହସିଲ–ଆଠମଲ୍ଲିକ, ଜିଲ୍ଲା–ଅନୁଗୁଳରେ ତୁରନ୍ତ ଭୂମିଅର୍ଜନ କରିବା ଆବଶ୍ୟକ ହେଉଅଛି । ତେଣୁ ଏତଦ୍ୱାରା ଘୋଷଣା କରାଯାଉଅଛି କି ଉପରୋକ୍ତ ଉଦ୍ଦେଶ୍ୟରେ ପ୍ରାୟ ୭.୫୭ ଏକର ପରିମିତ ଭୂମି ଉପରୋକ୍ତ ଗ୍ରାମରେ ଅଧିଗୃହିତ ହେବ ;

ଭୂ–ଅର୍ଜନ ସଂଶୋଧିତ ଆଇନ ୧୯୮୪ ଦ୍ୱାରା ସଂଶୋଧିତ ହେବାପ୍ରକାରେ ୧୮୯୪ ର ଅଧିନିୟମ ୧ର ଧାରା ୬ର ବ୍ୟବସ୍ଥା ଅନୁଯାୟୀ ପ୍ରଣୀତ ଏହି ଘୋଷଣାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ ।

ଭୂ–ଅର୍ଜନ ଆଇନର ୪(୧) ଧାରା ଅନୁଯାୟୀ ଅଧିସୂଚନା ସଂଖ୍ୟା ୨୦୪୫୭, ତା ୩୦ ମଇ ୨୦୧୩ ରିଖ ଓ ରାଜପତ୍ର ସଂଖ୍ୟା ୧୨୨୭, ତା ୨୮ ଜୁନ୍ ୨୦୧୩ ରିଖରେ ପ୍ରକାଶିତ ହୋଇଥିବା ଭୂମି ଅନୁସୂଚୀ ଉକ୍ତ ଘୋଷଣାନାମା ଅନ୍ତର୍ଭୁକ୍ତ ଅଟେ ।

ଉକ୍ତ ଜମିର ଏକ ନକ୍ସା, ଭୂ–ଅର୍ଜନ ଅଧିକାରୀ, ଅନୁଗୋଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ, କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

ରାଜ୍ୟପାଳଙ୍କ ଆଦେଶାନୁକ୍ରମେ

**ସଂଗ୍ରାମ କେଶରୀ ମହାପାତ୍ର**

ଯୁଗ୍ମ ଶାସନ ସଚିବ


Printed and Published by the Director of Printing, Stationery and Publication, Odisha, Cuttack-10
Ex. Gaz. 1164—173+20